# NATIONAL NEWS BULLETIN (ODIA)

**29 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- କ୍ରୀଡ଼ା ଓ ଶାରିରୀକ ଦକ୍ଷତାର ଗୁରୁତ୍ୱ ପ୍ରତିପାଦନ ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଜାତୀୟ କ୍ରୀଡ଼ା ଦିବସ ।

- ପରୀକ୍ଷାର୍ଥୀଙ୍କ ଆଧାର ସମର୍ଥିତ ଚିହ୍ନଟ ଲାଗି କେନ୍ଦ୍ରୀୟ ଲୋକସେବା ଆୟୋଗକୁ ଅନୁମତି ପ୍ରଦାନ କଲେ କେନ୍ଦ୍ର ସରକାର ।

- ଜାମ୍ମୁ - କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ।

- ମନ୍ତ୍ରୀ ପଦ ସମେତ ବିଧାୟକ ପଦରୁ ଇସ୍ତଫା ଦେଲେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚେମ୍ପଇ ସୋରେନ୍ ।

– ଆସନ୍ତାକାଲି ବିଜେପିରେ ଯୋଗଦେବେ ।

ଏବଂ

- କୋଲକାତା ଦୁଷ୍କର୍ମ ମାମଲାରେ ଆରଜିକର ମେଡ଼ିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ସନ୍ଦିପ ଘୋଷଙ୍କ ସଦସ୍ୟତା ରଦ୍ଦ କଲା ଆଇଏମ୍ଏ ।

# ନ୍ୟାସନାଲ ସ୍ପୋର୍ଟ୍ସ ଡେ

ପ୍ରସିଦ୍ଧ ହକିଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଜାତୀୟ କ୍ରୀଡ଼ାଦିବସ ପାଳିତ ହେଉଛି । କ୍ରୀଡ଼ା ଏବଂ ଶାରିରୀକ ଦକ୍ଷତାର ଗୁରୁତ୍ୱ ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୯ତାରିଖରେ ଜାତୀୟ କ୍ରୀଡ଼ାଦିବସ ପାଳନ କରାଯାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶର ଅଧିକ ସଂଖ୍ୟାର ଯୁବଗୋଷ୍ଠୀଙ୍କୁ କ୍ରୀଡ଼ାପ୍ରତି ଆକୃଷ୍ଟ କରାଇବା ଏବଂ ସେମାନଙ୍କ ସଫଳତା ନିମନ୍ତେ କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେବାଲାଗି ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ଆଜି ଜାତୀୟ କ୍ରୀଡ଼ାଦିବସ ଅବସରରେ ଦେଶ ସୁନାମଧନ୍ୟ ଭାରତୀୟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛି । ଏହି ଅବସରରେ ଶ୍ରୀ ମୋଦୀ ଖେଳପ୍ରତି ସମର୍ପିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । **PM Byte.......**

ଏହି ଅବସରରେ ଆଜି ସକାଳେ ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ନ୍ୟାସନାଲ ଷ୍ଟାଡିୟମରେ କେନ୍ଦ୍ର ଯୁବବ୍ୟାପର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଧ୍ୟାନଚାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ଦେଶବାସୀ ସବୁବେଳେ ସଜାଗ ଏବଂ ସୁସ୍ଥ ରହିବା ଜରୁରୀ ।

**Mandabya Byte.......**

ସେ କହିଛନ୍ତି ନାଗରିକମାନେ ସୁସ୍ଥ ରହିଲେ ଏକ ସୁସ୍ଥ ସମାଜ ଗଠନ କରିପାରିବେ ଏବଂ ଏକ ସୁସ୍ଥ ସମାଜ ହିଁ ଦେଶର ବିକାଶରେ

ସହାୟକ ହେବ । ମନ୍ତ୍ରୀ କହିଛନ୍ତି ପ୍ରତ୍ୟେକ ନାଗରିକ ଅନ୍ତତପକ୍ଷେ ଦିନକୁ ଗୋଟିଏ ଘଣ୍ଟା ବ୍ୟାୟାମ କରିବା ଆବଶ୍ୟକ ଏବଂ ସେମାନଙ୍କ ମନ ମୁତାବକ କ୍ରୀଡ଼ା ଅଭ୍ୟାସ କରିବା ଉଚିତ୍ ।

ଏହାପୂର୍ବରୁ ଶ୍ରୀ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ଦିବସରେ ସମସ୍ତଙ୍କୁ ଏକଘଣ୍ଟା ପାଇଁ ଯେକୌଣସି କ୍ରୀଡ଼ାଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶକୁ ସୁସ୍ଥ ରଖିବାର ବାର୍ତ୍ତା 'ଖେଲେଗା ଇଣ୍ଡିଆ, ଖିଲେଗା ଇଣ୍ଡିଆ'କୁ ସଫଳ କରିବା ଲାଗି ଦେଶବାସୀ ଆଗେଇ ଆସିବା ଉଚିତ୍ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ୟୁପିଏସ୍‌ସି-ଆଧାର

କେନ୍ଦ୍ରୀୟ ଲୋକସେବା ଆୟୋଗ ୟୁପିଏସ୍‌ସିକୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପରୀକ୍ଷାର୍ଥୀମାନଙ୍କ ପରିଚୟ ଯାଞ୍ଚ ଲାଗି ଆଧାର ଆଧାରିତ ଚିହ୍ନଟ ନିମନ୍ତେ ସାମୟିକ ଭାବେ ସରକାର ଅନୁମତି ପ୍ରଦାନ କରିଛନ୍ତି । ପଞ୍ଜିକରଣ ଏବଂ ବିଭିନ୍ନ ସମୟରେ ହେଉଥିବା ପରୀକ୍ଷାରେ ପରୀକ୍ଷାର୍ଥୀମାନଙ୍କ ଆଧାର ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ । ସୂଚନାଯୋଗ୍ୟ ପୂଜା ଖେଡକରଙ୍କ ନକଲି ଚିହ୍ନଟପତ୍ର

ବ୍ୟବହାର ପରେ ତାଙ୍କ ପ୍ରାର୍ଥୀତ୍ୱ ନାକଚ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ୟୁପିଏସ୍‌ସି ପକ୍ଷରୁ ଆଧାର ସମର୍ଥିତ ଚିହ୍ନଟ ନିମନ୍ତେ ସରକାରଙ୍କୁ ଅନୁରୋଧ କରାଯାଇଥିଲା ।

## ଜେକେ-ଇସିଆଇ ନୋଟିଫିକେଶନ

ଜାମ୍ମୁ କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି । ନିର୍ବାଚନ ଆୟୋଗ ଏହି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଧାର୍ଯ୍ୟ କରାଯାଇଛି । ସେପ୍ଟେମ୍ବର ୬ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଛି । ଆସନ୍ତା ସେପ୍ଟେମ୍ବର ୨୫ରେ ଦ୍ୱିତୀୟ ପର୍ଯ୍ୟାୟରେ ୨୬ଟି ବିଧାନସଭା ଆସନ ନିମନ୍ତେ ୬ଟି ଜିଲ୍ଲାରେ ମତଦାନ ହେବ । ଜିଲ୍ଲାଗୁଡ଼ିକ ହେଉଛି ଗନ୍ଦେରବଲ, ଶ୍ରୀନଗର, ବୋଦଗାମ, ରାଜୌରୀ, ପୁଞ୍ଚ ଏବଂ ରିଆସି । ଅକ୍ଟୋବର ୪ରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ ।

# ଚମ୍ପେଇ ସୋରେନ୍

ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ, ହେମନ୍ତ ସୋରେନ ସରକାରର ମନ୍ତ୍ରୀ ପଦ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି । ଜେଏମ୍‌ଏମ୍ ସଭାପତି ଶିବୁ ସୋରେନଙ୍କୁ ଲେଖିଥିବା ଚିଠିରେ ସେ କହିଛନ୍ତି, ଦଳର କାର୍ଯ୍ୟଶୈଳୀ ଓ ନୀତି ତାଙ୍କୁ ଦଳ ଛାଡ଼ିବାକୁ ବାଧ କରିଛି । ଶ୍ରୀ ସୋରେନ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ବିଭାଗ ବ୍ୟତୀତ ଜଳସମ୍ପଦ ବିଭାଗର ଦାୟିତ୍ୱ ତୁଲାଇଥିଲେ ।

ଆସନ୍ତାକାଲି ବିଜେପିରେ ଯୋଗ ଦେବାକୁ ଥିବା ଚମ୍ପେଇ ସୋରେନ ମଧ୍ୟ ଝାଡ଼ଖଣ୍ଡ ବିଧାନସଭାର ସରାଇକେଲା ନିର୍ବାଚନ ମଣ୍ଡଳୀର ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି । ଶ୍ରୀ ସୋରେନ କହିଛନ୍ତି, ଝାଡ଼ଖଣ୍ଡର ସ୍ୱାର୍ଥ ଦୃଷ୍ଟିରୁ ସେ ବିଜେପିରେ ଯୋଗଦେବାର ନିଷ୍ପତ୍ତି ନେଇଛନ୍ତି ।

# ଏନ୍‌ଆଇଏ

ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ପକ୍ଷରୁ ପାକିସ୍ତାନ ସମର୍ଥିତ ବିଶାଖାପାଟଣା ଗୁପ୍ତଚର ମାମଲାରେ ଦେଶର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ଏନ୍‌ଆଇଏ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ ଗୁଜୁରାଟ, କର୍ଣ୍ଣାଟକ, କେରଳ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ବିହାର ଏବଂ ହରିୟାଣା ସମେତ ଦେଶର ୧୬ଟି ସ୍ଥାନରେ ଚଢ଼ଉ କରାଯାଇଛି । ଯେଉଁସବୁ ସନ୍ଦିଗ୍ଧମାନଙ୍କ ବାସସ୍ଥାନରେ ଚଢ଼ଉ କରାଯାଇଛି ସେଗୁଡ଼ିକ ପାକିସ୍ତାନଠାରୁ ଅର୍ଥ ବଦଳରେ ଗୁପ୍ତଚରୀ କାର୍ଯ୍ୟରେ ବ୍ୟବହୃତ

ହେଉଥିଲା । ଏନ୍‌ଆଇଏ ୨୨ଟି ମୋବାଇଲ ଏବଂ ଅନେକଗୁଡ଼ିଏ ସମ୍ବେଦନଶୀଳ ଦସ୍ତାବିଜ୍ ଜବତ କରିଥିବା ଜଣାପଡିଛି । ସୂଚନା ମୁତାବକ ଭାରତୀୟ ନୌସେନାର କେତେକ ଗୁପ୍ତ ତଥ୍ୟ ଲିକ୍ ହୋଇଥିବା ଏବଂ ଦେଶ ବାହାରକୁ ପଠାଯାଇଥିବା ଜଣାପଡିବା ପରେ ଏନ୍‌ଆଇଏ ଏଭଳି ପଦକ୍ଷେପ ନେଇଛି ।

ଗତବର୍ଷ ଏହି ମାମଲାରେ ଏନ୍‌ଆଇଏ ପକ୍ଷରୁ ଦୁଇଜଣଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ନାଗରିକ ମିର୍ ବଲାଜ ଖାଁ ସମ୍ପୃକ୍ତ ଥିବା ଜଣାପଡିଥିଲା । ଗୁପ୍ତଚରୀ ବୃତ୍ତିରେ ସଂପୃକ୍ତ ଥିବା ଅଭିଯୋଗରେ ଆକାଶ ସୋଲାଙ୍କି ନାମକ ଅନ୍ୟଜଣେ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଗତବର୍ଷ ନଭେମ୍ବରରେ ଏନ୍‌ଆଇଏ ଅନ୍ୟଏକ ଚାର୍ଜସିଟ୍‌ରେ ମନମୋହନ ସୁରେନ୍ଦ୍ର ପଣ୍ଡା ଏବଂ ଆଲୱିନ ପଣ୍ଡାଙ୍କ ନାମ ଅନ୍ତର୍ଭୁକ୍ତ କରିଥିଲା । ଚଳିତବର୍ଷ ମେ’ ମାସରେ ପୁଣିଥରେ ଏନ୍‌ଆଇଏ ଅମନ ସଲିମ୍ ସେଖ୍ ବିରୋଧରେ ମଧ୍ୟ ଚାର୍ଜସିଟ୍ ଦାଖଲ କରିଥିବା ଜଣାପଡିଛି ।

## ଫାଇନାନ୍ସ ଗିଫ୍ଟ

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସିକ୍ୟୁରିଟିଜ କଣ୍ଟ୍ରାକ୍ଟସ ରେଗୁଲେସନ ନିୟମ ୧୯୫୬ରେ ସଂଶୋଧନ କରିଛି । ଏହି ସଂଶୋଧନ ଫଳରେ ଭରତୀୟ କମ୍ପାନୀଗୁଡ଼ିକ ଆର୍ନ୍ତଜାତୀୟ ଏକ୍ସଚେଞ୍ଜରେ ପ୍ରତ୍ୟେକ୍ଷଭାବେ ପଞ୍ଜିକୃତ

ହେବା ସହ ଗିଫ୍ଟ କୋଡ ପାଇପାରିବେ । ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ସଂଶୋଧନ ଦ୍ୱାରା ଭାରତୀୟ ଷ୍ଟାର୍ଟଅପ୍ ଏବଂ କମ୍ପାନୀଗୁଡ଼ିକ ବିଶ୍ୱସ୍ତରରେ ଅଧିକ ସୁବିଧା ସୁଯୋଗ ହାସଲ କରିବା ସହ ନିଜର ସଂରକ୍ଷିତ ମୂଲ୍ୟ ପ୍ରଦର୍ଶନ କରିବାର ସୁଯୋଗ ପାଇବେ । ଦେଶୀୟ ବଜାର ସମେତ ଅନ୍ତର୍ଜାତୀୟ ବଜାରରେ ଭାରତୀୟ କମ୍ପାନୀ ଗୁଡ଼ିକର ସ୍ଥିତିକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧନ କରାଯାଇଛି । ଗତକାଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ନିୟମ ଅନୁଯାୟୀ ଭାରତୀୟ କମ୍ପାନୀଗୁଡ଼ିକ ସେମାନଙ୍କ ସଂରକ୍ଷିତ ମୂଲ୍ୟର ୧୦ ପ୍ରତିଶତ ମୂଳ ପୁଞ୍ଜି ଆଧାରରେ ଅନ୍ତର୍ଜାତୀୟ ଏକ୍ସଚେଞ୍ଜରେ ପଞ୍ଜିକୃତ ହୋଇପାରିବେ ।

## ଟେଲିଗ୍ରାମ୍-ସିଇଓ ଇନ୍‌ଭେଷ୍ଟିଗେସନ୍

ମେସେଜିଂ ଆପ୍ ଟେଲିଗ୍ରାମର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପାଭେଲ ଡୁରୋଭଙ୍କୁ ୫ ନିୟୁତ ୟୁରୋ ଅର୍ଥରାଶି ଜମା କରିବା ପରେ ଜାମିନ୍ ମିଳିଛି । କିନ୍ତୁ ତାଙ୍କୁ ସପ୍ତାହକୁ ଦୁଇ ଥର ପୋଲିସରେ ରିପୋର୍ଟ କରିବାକୁ ପଡିବ ବୋଲି କୁହାଯାଇଛି । ପ୍ୟାରିସ୍‌ର ସରକାରୀ ଓକିଲ କହିଛନ୍ତି, ଡୁରୋଭଙ୍କୁ ୬ଟି ଅଭିଯୋଗରେ ଆନୁଷ୍ଠାନିକ ଭାବେ ତଦନ୍ତାଧୀନ ରଖାଯାଇଛି ଏବଂ ତଦନ୍ତ ସମୟରେ ତାଙ୍କୁ ଫ୍ରାନ୍ସ ଛାଡ଼ି

ବାହାରକୁ ଯିବାକୁ ବାରଣ କରାଯାଇଛି। ଗତ ଶନିବାର ରାତିରେ ପ୍ୟାରିସ ବାହାରେ ଥିବା ଏକ ବିମାନ ବନ୍ଦରରୁ ଡୁରୋଭଙ୍କୁ ଫ୍ରାନ୍ସ ପୋଲିସ ଗିରଫ କରିଥିଲା। ଟେଲିଗ୍ରାମ ପ୍ରତିଷ୍ଠାତାଙ୍କ ବିରୋଧରେ ସାଇବର ଠକେଇ, ଶିଶୁ ଯୌନ ଉତ୍ପିଡ଼ନ ବିଷୟବସ୍ତୁ ଏବଂ ଆତଙ୍କବାଦ ସହ ସମ୍ପର୍କିତ ବିଷୟ ପ୍ରସାର କରିବା ଏବଂ ଟେଲିଗ୍ରାମ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେବା ସମେତ ଅନେକ ଅପରାଧିକ  ଅଭିଯୋଗ ରହିଛି। ଗିରଫଦାରିର ଜବାବରେ ଟେଲିଗ୍ରାମ ଗ୍ରୁପ୍ କହିଛି ଯେ କମ୍ପାନୀ ଡିଜିଟାଲ ସର୍ଭିସ ଆକ୍ଟ ସମେତ ୟୁରୋପୀୟ ସଂଘର ଆଇନ୍‌କୁ ପାଳନ କରୁଛି।

## ଆର୍ଥ କ୍ୱେକ୍-ଦିଲ୍ଲୀ ଏନ୍‌ସିଆର୍

ଦିଲ୍ଲୀ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଆଜି ସକାଳେ ଭୂ-କମ୍ପ ଅନୁଭୂତ ହୋଇଛି । ଏହି ଭୂ-କମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫ ଦଶମିକ ୭ ରେକର୍ଡ କରାଯାଇଛି । ଜାତୀୟ ଭୂ-କମ୍ପ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନରେ ରହିଥିବା ଜଣାପଡିଛି । ତେବେ ଏପର୍ଯ୍ୟନ୍ତ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ ।

# ଇଣ୍ଡିଆ-ଶ୍ରୀଲଙ୍କା ହାଇବ୍ରିଡ ଏନର୍ଜି

ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ହାଇବ୍ରିଡ ବିଦ୍ୟୁତ୍ ପ୍ରକଳ୍ପ ନିମନ୍ତେ ଭାରତ ପ୍ରଥମ ପର୍ଯ୍ୟାୟ ଅର୍ଥ ପ୍ରଦାନ କରିଛି । ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା ଶ୍ରୀଲଙ୍କାର ଶକ୍ତିସଚିବ ସୁଲକ୍ଷଣା ଜୟବର୍ଦ୍ଧନା ଏବଂ ଶ୍ରୀଲଙ୍କାର ଶକ୍ତି ପ୍ରାଧିକରଣର ଅଧ୍ୟକ୍ଷ ରଞ୍ଜିତ ସେପାଲାଙ୍କୁ ଏହି ଅର୍ଥ ପ୍ରଦାନ କରିଛନ୍ତି । ୨୦୨୨ ମାର୍ଚ୍ଚରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଏକ ଭାରତୀୟ ସଂଗଠନ ଶ୍ରୀଲଙ୍କାର ଦୁଇଟି ଦ୍ୱୀପରେ ହାଇବ୍ରିଡ ବିଦ୍ୟୁତ୍ ପରିଯୋଜନା କାର୍ଯ୍ୟ ଆରମ୍ଭ କରିଛି । ସୌରଶକ୍ତି ଏବଂ ପବନଶକ୍ତିର ମିଶ୍ରଣରୁ ଏହି ଦ୍ୱୀପଗୁଡ଼ିକର ଶକ୍ତି ଆବଶ୍ୟକତା ପୂରଣ କରିବା ନିମନ୍ତେ ୧କୋଟି ୧୦ଲକ୍ଷ ଆମେରିକୀୟ ଡଲାର ଅର୍ଥରେ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି । ୨୦୨୫ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି ।

# ବିହାର ବନ୍ୟା

ବିହାରରେ ବନ୍ୟାସ୍ଥିତି ଗମ୍ଭୀର ରହିଛି । ଗଙ୍ଗା, ଗଣ୍ଡକ, କୋଶି ଏବଂ ମହାନଦୀ ସହିତ ଅନ୍ୟକେତେକ ନଦୀରେ ଜଳସ୍ତର ବିପଦସଙ୍କେତଠାରୁ ଉପରେ ପ୍ରବାହିତ ହେଉଛି । ଇତିମଧ୍ୟରେ ଖଗଡିଆ, ଭାଗଲପୁର ଏବଂ

କଟିହାରର କେତେକ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି । ସୂଚନା ଅନୁଯାୟୀ ନେପାଳରୁ ପ୍ରବାହିତ କେତେକ ନଦୀରେ ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇବାରୁ ବିହାରରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି । ବିହାରର ଅନେକ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

## କୋଲକାତା-ସଦସ୍ୟତା

କୋଲକାତା ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଭାରତୀୟ ଚିକିତ୍ସା ସଂଘ ଆଇ.ଏମ୍.ଏ ଦ୍ୱାରା ଗଠିତ ଅନୁଶାସନ କମିଟି ଆର୍‌ଜିକର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ସନ୍ଦିପ ଘୋଷଙ୍କ ସଦସ୍ୟତା ରଦ୍ଦ କରିଛି । ଡାକ୍ତର ଘୋଷ ଆଇ.ଏମ୍.ଏର କୋଲକାତା ଶାଖାର ଉପାଧ୍ୟକ୍ଷ ଥିଲେ । ଆଏମ୍‌ଏ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆର୍‌ଜିକର ଘଟଣାରେ ପୀଡିତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ପରେ ଡାକ୍ତର ଘୋଷଙ୍କ ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।